## ସଂକ୍ଷେପରେ

### ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ : ଯୁବକ ଗିରଫ

**ବାସୁଦେବପୁର, ୨୩।୯ (ଡି.ଏନ.ଏ.):** ବାସୁଦେବପୁରର ବ୍ଲକ ରୋଡ୍‌ରେ ଥିବା ଏକ ଏଟିଏମ୍‌ରୁ ସୁଦର୍ଶନପୁର ଗ୍ରାମର ରଶ୍ମିତା ଦାସ ନାମ୍ନୀ ଜଣେ ମହିଳା ଟଙ୍କା ଉଠାଉଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ପାଖରେ ଛିଡ଼ା ହୋଇଥିବା ଜଣେ ଯୁବକ ତାଙ୍କ ଏଟିଏମ୍ କାର୍ଡକୁ ଚଞ୍ଚକତା ପୂର୍ବକ ନେଇ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗ କରିଥିଲେ। ରଶ୍ମିତାଙ୍କ ଲିଖିତ ଅଭିଯୋଗ କ୍ରମେ ବାସୁଦେବପୁର ଥାନା ପୋଲିସ ରବିବାର ମାମଲା(ନଂ.୩୦୭/୧୯) ରୁଜୁ କରିଥିଲା। ପୋଲିସ ସମ୍ପୃକ୍ତ ଯୁବକ ସୌମ୍ୟକାନ୍ତ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସୌମ୍ୟକାନ୍ତଙ୍କ ଘର ଅଡୁଁଆ ଗ୍ରାମରେ। ରଶ୍ମିତା ଏଟିଏମ୍‌ରୁ ଟଙ୍କା ଉଠାଉଥିବା ବେଳେ ସୌମ୍ୟକାନ୍ତ ଚଞ୍ଚକତା କରି ତାଙ୍କ କାର୍ଡକୁ ବଦଳ କରି ନେଇଯାଇଥିଲେ ବୋଲି ସେ ଅଭିଯୋଗ କରିଥିଲେ।

### ଦୁର୍ଘଟଣାରେ ୩ ଗୁରୁତର

**ଭଦ୍ରକ ଅଫିସ, ୨୩।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଚରମ୍ପା ନିକଟସ୍ଥ ହୁଣ୍ଡାଇ ଶୋରୁମ୍ ସମ୍ମୁଖରେ ସୋମବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଏକ କ୍ଷୀର କମ୍ପାନୀର ମହିନ୍ଦ୍ରା ଟିୟୁଭି ଗାଡ଼ିରେ ଡ୍ରାଇଭର ସମେତ ୪ ଜଣ ଅଧିକାରୀ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଚରମ୍ପା ନିକଟସ୍ଥ ହୁଣ୍ଡାଇ ଶୋରୁମ୍ ସମ୍ମୁଖରେ ସମାନ ଅଭିମୁଖେ ଯାଉଥିବା ଏକ ଟ୍ରେଲରକୁ ଧକ୍କା ଦେଇ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ମହିନ୍ଦ୍ରା ଗାଡ଼ିଟି ଡିଭାଇଡର୍ ଉପରକୁ ଚଢ଼ିଯାଇଥିଲା। ଏହି ଗାଡ଼ିରେ ବସିଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ଭୁବନେଶ୍ୱର ନନ୍ଦନକାନନ ଅଞ୍ଚଳର କୈଳାସ ବେହୁରା, ସତ୍ୟବ୍ରତ ରାଉତ ଓ ଗୌତମ ବୋଷ ବୋଲି ଜଣାଯାଇଛି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା।

### ଉଦ୍ଧାର ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଲା

**ଭଦ୍ରକ ଅଫିସ, ୨୩।୯:** ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ପରିତ୍ୟକ୍ତ କୋଠାରୁ ରବିବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଟାଉନ ପୋଲିସ ଉଦ୍ଧାର କରିଥିଲା। ଏହି ମୃତବ୍ୟକ୍ତିଙ୍କ ପରିଚୟ ମିଳିଛି। ମୃତକ ବାଉତ୍‌ପୁର ଅଞ୍ଚଳର ସନାତନ ଜେନା ବୋଲି ପୋଲିସ ସୂଚନା ପାଇଛି। ସନାତନଙ୍କ ପରିବାର ଲୋକ କେହି ନ ଥିବାରୁ ଠିକ୍ ଭାବେ ଚିହ୍ନଟ କରାଯାଇପାରି ନାହିଁ। ମଙ୍ଗଳବାର ଚେନ୍ନାଇରେ ରହୁଥିବା ସନାତନଙ୍କ ଝିଅ ପହଞ୍ଚି ମୃତଦେହ ଚିହ୍ନଟ କରିବେ ବୋଲି ଜଣାଯାଇଛି।

### ଚୋରଙ୍କୁ ଧରି ପୋଲିସ ଜିମା

**ତିହିଡ଼ି, ୨୩।୯ (ଡି.ଏନ.ଏ.):** ତିହିଡ଼ି ଥାନା ବିଲଣା ପଞ୍ଚାୟତ ନୂଆପାଟଣା ଗ୍ରାମର ଭାରତୀ ପରିଡ଼ାଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବା ବେଳେ ଜଣେ ଚୋରଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଉକ୍ତ ଯୁବକ ଲଞ୍ଜାତର ଗ୍ରାମର ଟିଟୁଆ ମଳିକ ବୋଲି ଜଣାପଡ଼ିଛି। ଭାରତୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ. ୪୧୫/୧୯) ରୁଜୁ କରିଛି। ପୋଲିସ ଟିଟୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟିଟୁଆ ସୋମବାର ସକାଳେ ଭାରତୀଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ।

### ୫ ବଖରା ଜଳିଗଲା

**ଆରଡ଼ି, ୨୩।୯ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତ ପାଲଟପୁର ଗାଁ ନିକଟରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୫ ବଖରା ଜଳିଯାଇଛି। ସ୍ଥାନୀୟ ବାଙ୍କମୁହାଁ ଗ୍ରାମର ସନାତନ ମାଝୀଙ୍କର ୩ ଓ କଉଯୋଡି ଗ୍ରାମର ଦେବେନ୍ଦ୍ର ମାଝୀଙ୍କର ୨ ବଖରା ପୋଡ଼ିଯାଇଛି। ରାସ୍ତାପାର୍ଶ୍ୱରେ ଥିବା ଏହି ଘରେ ନିଆଁ ଲାଗିବାରୁ ପରିବାର ଲୋକେ ଘରୁ ବାହାରକୁ ଚାଲିଆସି ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପାଣି ଢାଳିଥିଲେ ମଧ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ୩୫ କି.ମି. ଦୂର ଧାମନଗରରୁ ଦମକଳ ଆସି ପହଞ୍ଚିବା ବେଳକୁ ଦୁଇ ପରିବାରର ସବୁକିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

■ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ପ୍ରସ୍ତୁତି ବୈଠକ

# ଗାନ୍ଧୀମାର୍ଗରେ ଫଳକ ଉନ୍ମୋଚନ, ପଦଯାତ୍ରା

**ଅନୁଗୋଳ ଅଫିସ, ୨୩।୯**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀକୁ ଜିଲା ଓ ବ୍ଲକସ୍ତରରେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହିତ ପାଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ବ୍ଲକସ୍ତରରେ ଆସନ୍ତା ୨୭ ତାରିଖ ଓ ଜିଲାସ୍ତରରେ ୨୯ ତାରିଖରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ଆତ୍ମଜୀବନୀ ଓ ଆଦର୍ଶ ଉପରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା କରାଯିବ ବୋଲି ସ୍ଥିର ହୋଇଥିଲା। ସେହିପରି ଅକ୍ଟୋବର ୨ ଦିନ ଗାନ୍ଧୀମାର୍ଗର ନାମକରଣକୁ ନେଇ ଏକ ସ୍ୱତନ୍ତ୍ର ଫଳକ ଉନ୍ମୋଚନ ସହ ପଦଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏହି ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାଂସ୍କୃତିକ ଦଳ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତି ଓ ସାମାଜିକ କର୍ମୀମାନେ ଯୋଗଦେବେ। ଗାନ୍ଧୀ ପାର୍କ ଠାରୁ ଏହା ଆରମ୍ଭ ହୋଇ ରାଣୀଗୋଡ଼ା ଠାରେ ପହଞ୍ଚିବ। ଜିଲାରେ ଥିବା ସମସ୍ତ ଗାନ୍ଧୀ ମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନ ଓ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିବେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗାନ୍ଧୀ ପାର୍କରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗାନ୍ଧିଜୀଙ୍କ ଆଦର୍ଶ ଓ ଆତ୍ମଜୀବନୀ ସମ୍ପର୍କରେ ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏହାସହ ଗାନ୍ଧିଜୀଙ୍କ ସମ୍ପର୍କରେ ଜଣାଅଜଣା କାର୍ଯ୍ୟକ୍ରମ ଓ କବିତା ଆବୃତ୍ତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଜିଲାର ୩ ଜଣ ଗାନ୍ଧିବାଦୀ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ସହ ଶତ ପ୍ରତିଶତ ମହିଳା ସାକ୍ଷର, ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁନର୍ବାର ପାଠ ପାଇଁ ପ୍ରବର୍ତ୍ତାଇବା, କୁଟୀରଶିଳ୍ପ, ମହିଳା ସ୍ୱାବଲମ୍ବୀ, ବୃକ୍ଷରୋପଣ ଓ ଗ୍ରାମ ବିବାଦର ଆପୋସ ସମାଧାନ କରିଥିବା ପ୍ରତି ବ୍ଲକର ଗୋଟିଏ ଲେଖା ଗ୍ରାମକୁ ଆଦର୍ଶ ଗ୍ରାମ ପୁରସ୍କାର ପ୍ରଦାନ କରାଯିବ। ୧୯୩୪ ମେ ୫ରେ ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବାମୁର ଠାରେ ରାତ୍ରିଯାପନ କରିଥିବାରୁ ସେଠାରେ ଗାନ୍ଧୀ ଜୟନ୍ତୀ ପାଳନ କରାଯିବ। ବୈଠକରେ ଜିଲା ପର୍ଯ୍ୟଟନ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ଜଗଦୀଶ ରାଏ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ନାୟକ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସାହିତ୍ୟ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି, ଶିକ୍ଷାବିତ ଶାନ୍ତନୁ କୁମାର ସର, ଅବସରପ୍ରାପ୍ତ ପ୍ରଶାସକ ହେମନ୍ତ କୁମାର ଦାସ, ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବ୍ଲକ ପୁନର୍ଗଠନ ସମ୍ପର୍କିତ ବୈଠକ

**ଛେଣ୍ଡିପଦା, ୨୩।୯ (ଡି.ଏନ.ଏ.)**

ଅନୁଗୋଳ ଜିଲା ଜରପଡା ଅଞ୍ଚଳକୁ ନୂତନ ବ୍ଲକ ମାନ୍ୟତା ପାଇଁ ଦାବି କରିଛି ଜରପଡା ଆଞ୍ଚଳିକ ବିକାଶ ପରିଷଦ। ଏ ନେଇ ପରିଷଦ ପକ୍ଷରୁ ରବିବାର ସ୍ଥାନୀୟ ହାଇସ୍କୁଲ ପରିସରରେ ୫ମ ପର୍ଯ୍ୟାୟ ବୈଠକ ବସିଥିଲା। ପରିଷଦ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜରପଡା ଅଞ୍ଚଳକୁ ବ୍ଲକ ମାନ୍ୟତା ପ୍ରଦାନ ସକାଶେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଆଗତ କରଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ପବିତ୍ର ମୋହନ ସାହୁ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ପୂର୍ବତନ ସରପଞ୍ଚ ରସାନନ୍ଦ ସାହୁ, ଆଡଭୋକେଟ ନୀଳକଣ୍ଠ ପ୍ରଧାନ, ପ୍ରତାପ ପ୍ରଧାନ, ସରପଞ୍ଚ ବିଭୂତି ଭୂଷଣ ଗଡନାୟକ, ପ୍ରଶାନ୍ତ ସାହୁ, ଲମ୍ବୋଦର ସାହୁ, ଭୋଳେଶ୍ୱର ଗୋଛାୟତ, ସୁଶାନ୍ତ ପ୍ରଧାନ, ମଧୁସୂଦନ ପ୍ରଧାନ, ପ୍ରହଲ୍ଲାଦ ବେହେରା, ସୁନୀଲ ସାହୁ, ସରପଞ୍ଚ ସୂର୍ଯ୍ୟକାନ୍ତ ନାଏକଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ଏନ୍‌ଟିପିସିରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ ଦାବି



ସମ୍ମିଳନୀରେ ଯୋଗ ଦେଇଥିବା ଶ୍ରମିକମାନେ।

**କଣିହାଁ, ୨୩।୯ (ଡି.ଏନ.ଏ.)**

କେନ୍ଦ୍ର ସରକାର ଶ୍ରମ ଆଇନ ସଂଶୋଧନ କରି ପ୍ରଚଳିତ ଆଇନକୁ ୪ଟି ଲେବର କୋଡରେ ବିଭକ୍ତ କରିବା, ଏନଟିପିସି ସମେତ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ କରିବା, କୋଇଲା କ୍ଷେତ୍ରରେ ଶତକଡା ଶହେ ଭାଗ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଲାଗୁ ନ କରିବା, ସବୁଦିନିଆ କାମ କରୁଥିବା ଠିକା ଶ୍ରମିକଙ୍କୁ ସ୍ଥାୟୀ କରାଯାଇ ମାସିକ ସର୍ବନିମ୍ନ ମଜୁରି ୨୧ ହଜାର ଟଙ୍କା ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବି କରିଛନ୍ତି ଶ୍ରମିକ ସଙ୍ଗଠନ। ଏ ସଂକ୍ରାନ୍ତରେ ଅଲ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ଏବଂ ଅଲ୍ ଇଣ୍ଡିଆ ପାୱାର ମେନ୍‌ସ ଫେଡେରେଶନ ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ପକ୍ଷରୁ ଏନ୍‌ଟିପିସି ବାଇପାସ ଛକଠାରେ ଶ୍ରମିକ ସମ୍ମିଳନୀର ଏକ ଅଧିବେଶନ ବସିଥିଲା। ୟୁନିୟନର ଉପସଭାପତି ଭିକାରୀ ପ୍ରଧାନଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଧୂର୍ଜଟି ଦାସ, ସମ୍ମାନିତ ଅତିଥି ଭାବେ ଫେଡେରେଶନର ସର୍ବଭାରତୀୟ ସାଧାରଣ ସମ୍ପାଦକ ସମର ସିହ୍ନା ଯୋଗ ଦେଇଥିଲେ। ଏହି ଅବସରରେ ଏକ ୩୩ ଜଣିଆ ନୂତନ କମିଟି ଗଠନ ହୋଇଥିଲା। ସଭାପତି ଭାବେ ଜୟସେନ ମେହେର, ଉପସଭାପତି ଭାବେ ଭିକାରୀ ପ୍ରଧାନ ଓ ସିଙ୍ଗେଶ୍ୱର ସାହୁ, ସାଧାରଣ ସମ୍ପାଦକ ଭାବେ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଭାବେ ଟୁନା ନାଏକ, ପ୍ରତାପ ପ୍ରଧାନ ଓ ଶଙ୍କର ମାରାଣ୍ଡି, କୋଷାଧ୍ୟକ୍ଷ ଭାବେ ଅଭୟ କୁମାର ନାଏକ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା।

# ଲୁହାମୁଣ୍ଡାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ବଇଣ୍ଡା, ୨୩।୯ (ଡି.ଏନ.ଏ)**

କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମରେ ସୋମବାର ମା' ହିଙ୍ଗୁଳାଇ ଯୁଥ କ୍ଲବର ନୂତନ ଗୃହ, ଯୁବ ବାହିନୀର ନୂତନ ଗୃହ, ମିଶନ ଶକ୍ତି ଗୃହ, ଭାଗବତ ଟୁଙ୍ଗି ଉଦ୍‌ଘାଟିତ ହୋଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଆୟୋଜିତ ସଭାରେ ବିଧାୟକ ସାଏ ଯୋଗଦେଇ କହିଲେ, ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡ଼ିକ କିଭଳି ଗ୍ରାମାଞ୍ଚଳରେ ପହଞ୍ଚିପାରିବ ସେଥିପ୍ରତି ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ସରପଞ୍ଚ ଅମିତା ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ ତିଲୋତ୍ତମା ନାୟକ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ବାଳକୃଷ୍ଣ ପ୍ରଧାନ, ଅନ୍ତର୍ଯାମୀ ରାଉଳ, ସୁନୀଲ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ବିଧାୟକଙ୍କ ଅଚାନକ ସ୍କୁଲ ପରିଦର୍ଶନ, କାଗଜପତ୍ର ଯାଞ୍ଚ

**ବଇଣ୍ଡା, ୨୩।୯ (ଡି.ଏନ.ଏ)**

କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ଜାମୁନାଳୀ ସରକାରୀ ଉ.ପ୍ରା ବିଦ୍ୟାଳୟକୁ ସୋମବାର ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଅଚାନକ ଗସ୍ତ କରିଛନ୍ତି। ବିଦ୍ୟାଳୟ ଶ୍ରେଣୀଗୃହକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଥିଲେ। ବିଦ୍ୟାଳୟରେ ଠିକ ଭାବେ ପାଠ ପଢା ଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଠିକ ଭାବେ ପାଠ ପଢାଇ ଭଲ ମଣିଷ କରିବା ସହ ମଧ୍ୟାହ୍ନଭୋଜନ ଓ ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ପୋଷାକ, ବହି ଯୋଗାଇ ଦେବାକୁ ବିଧାୟକ ସାଏ ପରାମର୍ଶ ଦେଇଥିଲେ।

କୁଲାଡ଼ ବରିଷ୍ଠ ନାଗରିକ ସଂଘ ଗଠିତ

## ପ୍ରଫୁଲ୍ଲ ସଭାପତି, ଗୁରୁଚରଣ ସମ୍ପାଦକ

**ବଅଁରପାଳ, ୨୩।୯ (ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଠାରେ ସୋମବାର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ବରିଷ୍ଠ ନାଗରିକ ସଂଘ ଗଠିତ ହୋଇଥିଲା। ପ୍ରଫୁଲ୍ଲ କୁମାର ବିଶୋଇଙ୍କୁ ସଭାପତି ଭାବେ ଚୟନ କରାଯାଇଥିବାବେଳେ ଗୁରୁଚରଣ ସେଠଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ଅନ୍ତର୍ଯାମୀ ବେହେରା ଓ ନିର୍ମଳ ପ୍ରଧାନଙ୍କୁ ଉପସଭାପତି ଚୟନ କରାଯାଇଥିଲା। ଦୁର୍ଯ୍ୟୋଧନ ଅମାନ୍ତ କୋଷାଧ୍ୟକ୍ଷ, ଗତିକୃଷ୍ଣ ଦେଓ କୋଅର୍ଡିନେଟର ଓ ପ୍ରମୋଦ କୁମାର ସିଂଙ୍କୁ ପ୍ରମୋଟର ଭାବେ ଚୟନ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟ ସୁଧାକର ବିଶୋଇ, ସୁଧିର ସାମଲ, କରୁଣାକର ସେଠ, କେଶବ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସେହିପରି ସଂଘର ଉପଦେଷ୍ଟା ଭାବେ ରମେଶ ଚନ୍ଦ୍ର ଜେନା, ସତ୍ୟବ୍ରତ ସ୍ୱାଇଁ ଓ ପଦ୍ମନାଭ ଅମାନ୍ତଙ୍କୁ ମନୋନୀତ କରାଯାଇଛି। ଗ୍ରାମର ଉନ୍ନତି, ବରିଷ୍ଠ ନାଗରିକମାନଙ୍କର ସମସ୍ୟା, ବେକାରୀ ସମସ୍ୟାର ଦୂରୀକରଣ, ଦୁର୍ନୀତି ବିରୋଧ ସ୍ୱର ଉତ୍ତୋଳନ, ବେକାର ଲୋକମାନଙ୍କୁ ଥଇଥାନ କରାଯିବା ସହ ଗ୍ରାମର ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ହେବ ସେହି ଉପରେ ବୈଠକରେ ଆଲୋଚନା ହୋଇଥିଲା।

■ଶରଧାପୁର ଲୋକଙ୍କୁ ମିଳୁନି ସରକାରୀ ସହାୟତା

# ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ



ପ୍ରଶାସନ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ଅନୁଗୋଳ ଅଫିସ, ୨୩।୯**

ଅନୁଗୋଳ ନୂଆମୌଜା ପଞ୍ଚାୟତ ଶରଧାପୁର ଗ୍ରାମର ଅନେକ ଲୋକ ସରକାରୀ ଯୋଜନା ଓ ସହାୟତାରୁ ବଞ୍ଚିତ ରହିଛନ୍ତି। ଏ ନେଇ ଗ୍ରାମର ୧୮ ଜଣ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଭେଟି ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଗ୍ରାମର ସୁବାସ ଚନ୍ଦ୍ର ପ୍ରଧାନଙ୍କ ଘର ବର୍ଷାରେ ଭାଙ୍ଗି ଯାଇଛି। ହେଲେ ତାଙ୍କୁ ଏଯାଏ ସରକାରୀ ସହାୟତା ମିଳିପାରି ନାହିଁ। ଭିନ୍ନକ୍ଷମ ହୋଇଥିଲେ ବି ବବୁଲୁ ସାହୁ ଓ ବାସନ୍ତୀ ସାହୁଙ୍କୁ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ କରାଯାଇ ନାହିଁ। ଗାଁର ନେକୁରୀ ସାହୁ, ପରମା ସାହୁ, ଶିକର ସାହୁ, କୁନି ସ୍ୱାଇଁ, ଦୁହିତା ବେହେରା, ଶ୍ରୀବସ୍ତ ସାହୁ, ଟିକିଲି ସାହୁ, ବିଛିଲି ପାତ୍ର, କମାର ପାତ୍ର, ଅରକ୍ଷିତ ବେହେରା, ବୁଧେଇ ସାହୁ, ମଙ୍ଗୁଲୁ ସାହୁ, କବିତା ସାହୁ, ଶୁକଦେବ ସାହୁ ପ୍ରମୁଖ ବୃଦ୍ଧାବୃଦ୍ଧଙ୍କୁ ଏଯାଏ ଭତ୍ତା ମିଳିପାରି ନାହିଁ। ଏ ନେଇ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଧାଉଁଥିଲେ ମଧ କିଛି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନୂଆମୌଜା ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ କହିଛନ୍ତି, ପଞ୍ଚାୟତର ଲୋକେ କିଭଳି ସରକାରୀ ସୁବିଧା ପାଇବେ ସେଥିପାଇଁ କାର୍ଯ୍ୟ କରାଯାଉଛି। ଲୋକମାନେ ସେମାନଙ୍କ କାଗଜପତ୍ର ଦାଖଲ କଲେ ସେମାନଙ୍କୁ ସରକାରୀ ଯୋଜନା ସହ ଅନ୍ୟାନ୍ୟ ସହାୟତା ମିଳିପାରିବ।

# ୧୦୪ ଅଭିଯୋଗ ଶୁଣିଲେ ଜିଲାପାଳ



**ପାଲଲହଡା, ୨୩।୯ (ଡି.ଏନ.ଏ)**

ପାଲଲହଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୋଟ ଗଣତି କେନ୍ଦ୍ରଠାରେ ସୋମବାର ଅନୁଗୋଳ ଜିଲାପାଳଙ୍କ ଉପଖଣ୍ଡସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ୧୦୪ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ଶିକ୍ଷା, ବିଦ୍ୟୁତ, ଜଳ, ଜଙ୍ଗଲ, ଜମିପଟ୍ଟା, ଚିକିତ୍ସା ସହାୟତା, ଉଠା ଜଳସେଚନ, ରାସ୍ତା ଆଦି ଅଭିଯୋଗ ରହିଥିଲା। ଏହି ଅବସରରେ ଜିଲାପାଳ ସ୍ଥାନୀୟ ଶିଗଡ଼ ଗ୍ରାମର ହଳଧର ନାୟକଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଶେଷରେ ପାଲଲହଡ଼ା ତହସିଲ ପକ୍ଷରୁ ୧୦ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗମୋହନ ମିନା, ଜିଲା ଚିକିତ୍ସା ଅଧିକାରୀ ଡ. ଅମରେନ୍ଦ୍ର ନାଥ ମହାନ୍ତି, ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ସ୍ୱାଗତ ଦାସ, ସହକାରୀ ଜିଲାପାଳ ଇଶାନୀ ପଣ୍ଡା, ଲମ୍ବୋଦର ବେହେରା ଯୋଗ ଦେଇଥିଲେ। ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝି ପରିଚାଳନା କରିଥିଲେ।

■ପୌର ଓ ବ୍ଲକ କାର୍ଯ୍ୟାଳୟରେ ଏମ୍‌ପିଙ୍କ ସମୀକ୍ଷା

# ସଫେଇ ପାଇଁ କର୍ତ୍ତୃପକ୍ଷଙ୍କୁ ତାଗିଦ

**ଅନୁଗୋଳ ଅଫିସ, ୨୩।୯**



ଅନୁଗୋଳ ବ୍ଲକ ଓ ପୌରପାଳିକାର କାର୍ଯ୍ୟ ସମୀକ୍ଷା କରିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ପ୍ରଥମେ ସେ ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ଏକ ବୈଠକରେ ଯୋଗ ଦେଇଥିଲେ। ପରେ ୨ନଂ ୱାର୍ଡ ପରିଦର୍ଶନ କରି ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ତେବେ ବହୁ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିଥିବା ଜାଣି ଏମ୍‌ପି ବିରକ୍ତି ପ୍ରକାଶ କରିଥିଲେ।

ଅପରାହ୍ନରେ ଏମ୍‌ପି ଅନୁଗୋଳ ପୌରପାଳିକାରେ କାର୍ଯ୍ୟ ସମୀକ୍ଷା କରିବା ପରେ ରାଜକିଶୋରପଡ଼ାରେ ଥିବା ୨ ନମ୍ବର ୱାର୍ଡରେ ବୁଲି ପରିମଳ ସମସ୍ୟାର ଅନୁଧ୍ୟାନ କରିଥିଲେ। ଉକ୍ତ ୱାର୍ଡରେ ଡ୍ରେନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଦେଖିବା ପରେ ଏମ୍‌ପି ତୁରନ୍ତ ତାହାକୁ ମରାମତି କରିବାକୁ ନୂତନ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଏବଂ ଜେଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସହରରୁ ତୁରନ୍ତ ଆବର୍ଜନା ସଫା କରିବା ପାଇଁ ସେ ତାଗିଦ କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ମାୟାଧର ବେହେରା ଓ ଅନ୍ୟ ଅଧିକାରୀଙ୍କୁ ନେଇ ବୈଠକରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। କେଉଁ ଯୋଜନାରେ କେତେ କାର୍ଯ୍ୟ କରାଯାଇଛି ଓ କେତେ ପ୍ରକଳ୍ପ ଶେଷ ହୋଇପାରି ନାହିଁ ତାହା ପଚାରି ବୁଝିଥିଲେ। ତେବେ ସରକାର କରିଥିବା ଯୋଜନାର ସୁଫଳ ଯେପରି ସମସ୍ତ ଲୋକ ପାଇପାରିବେ ସେଥିପାଇଁ କାର୍ଯ୍ୟ କରିବାକୁ ଏମ୍‌ପି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ବ୍ଲକ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସୁଥିବା ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବାମାନେ ଯେପରି ଭତ୍ତା ସହ ଅନ୍ୟାନ୍ୟ ସହାୟତା ପାଇପାରନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ଏମ୍‌ପି ବିଡିଓଙ୍କ ସହ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲାପାଳ ବାସୁଦେବ ଶତପଥୀ, ବ୍ଲକ ଚେୟାରମ୍ୟାନ ନିରଞ୍ଜନ ଦେହୁରୀ, ଭାଇସ୍ ଚେୟାରମ୍ୟାନ ମମତା ପ୍ରଧାନ, ବିଡିଓ ମାୟାଧର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା



ଢେଙ୍କାନାଳ ଅଫିସ, ୨୩।୯

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଶନିବାର ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନରେ ରୋଶନ ସାହୁ ପ୍ରଥମ, କୁଇଜରେ ସୋମନାଥ ବାରିକ ଦ୍ୱିତୀୟ, ସୋନିଆରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତାପ୍ରଭା ସାହୁ ଓ ସଂଙ୍ଖା ସାଗରିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କୋଇଲା ଉଦ୍ୟୋଗରେ ଏଫ୍‌ଡିଆଇକୁ ବିରୋଧ

# ତାଳଚେରରେ ଖଣି ବନ୍ଦ ଆନ୍ଦୋଳନ

ତାଳଚେର/କଣିହାଁ, ୨୩।୯(ନି.ପ୍ର.)

କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ)କୁ ବିରୋଧ ସହ ତୁରନ୍ତ ଏହାର ପ୍ରତ୍ୟାହାର ଦାବିରେ ସୋମବାର ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ତାଳଚେରରେ ଖଣିବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ, କଣିହାଁ ସମେତ ୯ ଗୋଟି ଖଣିରେ କୋଇଲା ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଛି। ଏଥିଯୋଗୁ ରାଜ୍ୟ ଓ ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ପ୍ରକାଶ ଯେ, କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ନେଇ କେନ୍ଦ୍ର ସରକାରଙ୍କ ଘୋଷଣା ପରେ ବିଭିନ୍ନ ଶ୍ରମ ସଙ୍ଗଠନ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତୁରନ୍ତ ଏହାକୁ ପ୍ରତ୍ୟାହାର ପାଇଁ ଶ୍ରମ ସଙ୍ଗଠନ ଗୁଡିକ ପକ୍ଷରୁ ଜନଜାଗରଣ, ବିକ୍ଷୋଭ, ଧାରଣା ଦିଆଯାଇ ଆସୁଥିଲା। କିନ୍ତୁ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ବିଏମ୍‌ଏସ୍ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଆନ୍ଦୋଳନକାରୀମାନେ ସକାଳ ଠାରୁ ବିଭିନ୍ନ କୋଇଲା ଖଣିର ଜେନେରାଲ ମ୍ୟାନେଜରଙ୍କ ଅଫିସ, ପ୍ରକଳ୍ପ ଅଧିକାରୀଙ୍କ ଅଫିସ, ଟାଇମ ଅଫିସ ନିକଟରେ ରହି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଖଣି କାର୍ଯ୍ୟକୁ ବନ୍ଦ କରାଇଛନ୍ତି। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ସମସ୍ତ ୯ ଗୋଟି କୋଇଲା ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ରହିଛି। କୋଇଲା ମହାସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବାଦଲ ମହାରଣା, ବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ମାଝି, ଅରୁଣ କୁମାର ପ୍ରଧାନ, ବିଜୟ କୁମାର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ସେହିପରି କଣିହାଁ ଖଣି ସମ୍ମୁଖରେ ଭାରତୀୟ ମଜଦୁର ସଂଘ ସହବନ୍ଧିତ ଖଣି ସଙ୍ଗଠନର ସଭାପତି କ୍ଷିତେଶ କୁମାର ଧର, ସମ୍ପାଦକ ଅଭୟ ସାହୁ, କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।



ଏମ୍‌ସିଏଲ୍‌ର ଲିଙ୍ଗରାଜ ଖଣି ସମ୍ମୁଖରେ ଆନ୍ଦୋଳନ ଚାଲିଛି।

## କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

କାମାକ୍ଷାନଗର, ୨୩।୯(ଡି.ଏନ୍.ଏ.)

କାମାକ୍ଷାନଗର କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ ରବିବାର ସନ୍ଧ୍ୟାରେ ଆଳତୁମା ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି।

ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାକେଶ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ବିନୟ ପ୍ରସାଦ ପରିଡ଼ା, ସମ୍ପାଦକ ମଳୟ ସାହ, ଉପସଭାପତି ବୃନ୍ଦାବନ ପ୍ରଧାନ, ମଧୁସ୍ମିତା ବେହେରା, ନରେଶ ଜେନା, ରାଜଶ୍ରୀ ନାୟକ, ଗୁରୁବାରି ପଧାନ, ଯୁଗ୍ମ ସମ୍ପାଦକ ସୁଜିତ ସାମଲ,ଐଶ୍ୱର୍ଯ୍ୟା ରାଜଲକ୍ଷ୍ମୀ, ସଙ୍ଗଠନ ସମ୍ପାଦକ ସହ୍ୟାଦ୍ରୀ ତନୟା ବେହେରା, ରଶ୍ମିତା ସାହୁ, କୋଷାଧ୍ୟକ୍ଷ ଅଶେଷ କୁମାର ମାର୍ଥା, ଜିଲା ସଂଯୋଜକ ଜନ୍ମେଜୟ ମୁଦୁଲି, ମିଡିଆ ସଂଯୋଜକ ରୋଜାଲିନ ହୋତାଙ୍କ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଯୁଧିଷ୍ଠିର ବିଶ୍ୱାଳ, ଦୁର୍ଗା ପ୍ରସାଦ ତ୍ରିପାଠୀ, ବ୍ୟୋତିକେଶ ବେହେରା, ରାଜେଶ କୁମାର ସାହୁ, ପୃଥ୍ୱୀରାଜ ପଟ୍ଟନାୟକ ଉପଦେଷ୍ଟା କମିଟିରେ ସ୍ଥାନ ପାଇଛନ୍ତି।

# ବେନ୍ତପୁରରେ ଶୋକାକୁଳ ପରିବେଶ



ଅନୁଗୋଳ ଅଫିସ, ୨୩।୯

ସାପ କାମୁଡ଼ାରେ ଦୁଇ ଭଉଣୀ ରୋଜାଲିନ ସାହୁ ଓ ସୁଜାତା ସାହୁଙ୍କ ମୃତ୍ୟୁ ପରେ ଅନୁଗୋଳ ବେନ୍ତପୁରରେ ସୋମବାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀ ଯେପରି ସ୍ତବ୍ଧ ହୋଇଯାଇଛନ୍ତି। କାହାରି ଘରେ ଚୁଲି ଜଳିନି। ରୋଜାଲିନ ଓ ସୁଜାତା ପଢୁଥିବା ବେନ୍ତପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ଆରମ୍ଭ କରି ସହପାଠୀଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁଃଖ ଓ ଶୋକରେ ଭାଙ୍ଗି ପଡ଼ିଛନ୍ତି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଦୁଇ ଭଉଣୀଙ୍କ ପାଇଁ ସ୍କୁଲରେ ଶୋକସଭା କରାଯାଇଥିଲା। ମା’ ସୁକାନ୍ତି ସାହୁଙ୍କ କହିବା ଅନୁଯାୟୀ, ଖଟ ଉପରେ ଦୁଇ ଝିଅ ଶୋଇଥିବାବେଳେ ବିଳମ୍ବିତ ରାତିରେ ସାପ କାମୁଡ଼ି ଦେଇଥିଲା। ସାନ ଝିଅ ସୁଜାତା ପ୍ରଥମେ କ’ଣ ଗୋଟେ କାମୁଡ଼ି ଦେଇଥିବା କହିଥିଲା। ପରେ ବଡ଼ ଝିଅ ରୋଜାଲିନ ମଧ୍ୟ ବେକରେ କିଛି କାମୁଡ଼ିଥିବା ଦେଖାଇଥିଲା। ଖୋଜାଖୋଜି ପରେ ଖଟରେ ଏକ ବିଷଧର ସାପ ରହିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଦୁଇ ଝିଅଙ୍କୁ ଧରି ମେଡିକାଲ ଧାଇଁଥିଲୁ। ହେଲେ ମୋଠାରୁ ମୋ ଝିଅଙ୍କୁ ଭଗବାନ ଅଲଗା କରିଦେଲେ ବୋଲି ସୁକାନ୍ତି କହିଛନ୍ତି। ବାପା ସୁମନ୍ତ କହିଛନ୍ତି, ଖାଇବା ଠାରୁ ପାଠପଢ଼ା ଯାଏ ସବୁ କାମ ଦୁହେଁ ଏକାଠି କରୁଥିଲେ। ସେଥିପାଇଁ ବୋଧହୁଏ ଭଗବାନ ସହି ନ ପାରି ଦୁହିଙ୍କୁ ଏକା ସାଙ୍ଗରେ କୋଳରୁ ଛଡ଼େଇ ନେଲେ।




ମୃତ ଦୁଇ ଭଉଣୀ। (ଫାଇଲ ଫଟୋ)

# ଓଡ଼ିଆ ଭାଷା ଆମ ଜାତିର ପରିଚୟ

ସାତମାଇଲ, ୨୩।୯(ଡି.ଏନ.ଏ)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା କଲେଜ ପରିସରରେ ସୋମବାର ଓଡିଆ ସମ୍ମାନ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅଧ୍ୟାପିକା ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକ, ଡ. ଗୌତମୀ ନାୟକ, ଡ. ନରେଶ ଚନ୍ଦ୍ର ନାଏକ, ଅଧ୍ୟାପକ ଧର୍ମରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀ ପ୍ରଜ୍ଞା ପରିମିତା ବିଶ୍ୱାଳ, ସୁଚିସ୍ମିତା ବେହେରା ଓ ରୋହିତ ଦେହୁରୀ ପ୍ରମୁଖ ୩ୟ ଓ ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କ ସମେତ ସମସ୍ତ ନବାଗତ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଓଡିଆ ଭାଷା ଆମ ଜାତିର ବଳ। ଓଡିଆ ସଂସ୍କୃତି ଆମ ପରିଚୟ। ଯାହାକି ଆମ ଜାତୀୟ ଏକତା ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଛାତ୍ରୀ ସ୍ନିଗ୍ଧାରାଣୀ ଦେହୁରି ଧନ୍ୟବାଦ ଦେଇଥିଲେ।




ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା

କାମାକ୍ଷାନଗର, ୨୩।୯(ଡି.ଏନ୍.ଏ.)

କାମାକ୍ଷାନଗର ଥାନା ପରିସରରେ ରବିବାର ସନ୍ଧ୍ୟାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତ ଥାନାଧିକାରୀ ଅଭିନବ ଡାଲୁଆ ଯୋଗଦେଇ କହିଲେ, ଅପରାଧ ନିୟନ୍ତ୍ରଣ ଏବଂ ମଦ୍ୟପ ଧରପଗଡ଼ ଅଭିଯାନକୁ ପ୍ରାଥମିକତା ଦେଲେ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ଏସ୍‌ଆଇ ଶ୍ରୀନିବାସ ସେଠୀ, ସଦସ୍ୟ ସର୍ବେଶ୍ୱର ପାତ୍ର, ଆଇନଜୀବୀ ଛାୟାକାନ୍ତ ସାହୁ, ସୁବାସ ନାଥ, ଦର୍ପଣୀ ସାହୁ, ରଣଜିତ୍ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଦଶହରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ, ଟ୍ରାଫିକ୍ ବ୍ୟବସ୍ଥା ସଜାଡ଼ିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ବେଆଇନ ମଦ ବିକ୍ରି ବନ୍ଦ ଦାବିରେ ଧାରଣା

ତାଳଚେର, ୨୩।୯(ନି.ପ୍ର.)

ତାଳଚେର ବ୍ଲକ ଟେଣ୍ଟୁଲେଇ ଏବଂ ଗୋବରା ପଞ୍ଚାୟତର କେତେକ ହୋଟେଲ ଓ ଢାବାରେ ଚୋରା ଦେଶୀ, ବିଦେଶୀ ମଦ ବିକ୍ରି ଚାଲିଥିବାରୁ ତାହାକୁ ବନ୍ଦ କରିବା ଦାବିରେ ସୋମବାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ମହିଳା ପୁରୁଷମାନଙ୍କ ପକ୍ଷରୁ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏ ନେଇ ଅଞ୍ଚଳବାସୀ ପ୍ରଶାସନ, ପୋଲିସ ଏବଂ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କଲେ ସୁଦ୍ଧା କୌଣସ ପଦକ୍ଷେପ ନିଆଯାଉନାହିଁ ବୋଲି ଧାରଣାକାରୀ ଅଭିଯୋଗ କରିଥିଲେ। ଏଭଳି ବେଆଇନ ମଦ ବିକ୍ରୟ ଯୋଗୁ ସ୍ଥାନୀୟ ଅଞ୍ଚଳର ଆଶାନ୍ତି ସୃଷ୍ଟି ହେଉଛି। ତାଳଚେର ଉପଜିଲାପାଳ ଧାରଣା ସମ୍ପର୍କରେ ଅବଗତ ହେବା ପରେ ଧାରଣାକାରୀ ଏବଂ ଅବକାରୀ ବିଭାଗ ଅଧିକାରୀଙ୍କୁ ଡାକି ଆଲୋଚନା କରିବା ସହ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ସମିତି ସଭ୍ୟ ବିନୋଦ ଲାଲ, ମାନି ମୁଣ୍ଡା, ମମତା ଦଳବେହେରା, ରାଜଲକ୍ଷ୍ମୀ ଜେନା, କୌଶଲ୍ୟା ସିଂ, ପୁଷ୍ପା ଦେହୁରୀ, କୁନି ଡାକୁଆ, ରଶ୍ମିତା ବାରିକ, ଆଶା ରାଏ, ମୀରା ଲାଲ, ମଞ୍ଜୁଲତା ବାରିକ, ମାନସୀ ପୁର୍ତ୍ତୀ, ଗୋକୁଲା ମାଝି, ମୁଟାଇ ତାନୀ, ଗୁଧୁରାମ ପୂର୍ତ୍ତୀ, କୁନି ମୁର୍ତ୍ତୀ, ମଉନାବତୀ, ସୁଶୀଲ କୁମାର ନାଏକ, ନଳିତା ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।



# ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା, ୨୩।୯(ଡି.ଏନ.ଏ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଲକ୍ଷ୍ମୀପୂଜା କମିଟି ଓ ଗ୍ରାମବାସୀ ମାଟି ଅନୁକୂଳ କରିଛନ୍ତି। ଗ୍ରାମର ଶିବ ମନ୍ଦିର ନିକଟସ୍ଥ ଏକ ପଡ଼ିଆରୁ ନିୟମ ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ମାଟି ଅନୁକୂଳ କରାଯାଇଥିଲା। ପୂଜକ କେଶବ ଶତପଥୀ ପୂଜାର୍ଚ୍ଚନା କରିଥିବାବେଳେ ପୂଜା କମିଟିର ସଭାପତି ବିଶେଶ୍ୱର ରାଉତ, ହେମନ୍ତ ଖୁଣ୍ଟିଆ, ବିଜୟ ସାହୁ, ଗଣେଶ୍ୱର ବାରିକ, ସନ୍ତୋଷ ସାହୁ, ରଞ୍ଜନ ପ୍ରଧାନ, ଅକ୍ଷୟ ବିଶ୍ୱାଳଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।



ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।

## ଅଳିଆ ସଫେଇ ପାଇଁ ଲାଗିବ ୨ ଜେସିବି, ୮ ଟ୍ରାକ୍ଟର

ଅନୁଗୋଳ ଅଫିସ, ୨୩।୯

ଅନୁଗୋଳ ସହର ସଫେଇ ପାଇଁ ମଙ୍ଗଳବାରଠାରୁ ୨ଟି ଜେସିବି ଓ ୮ଟି ଟ୍ରାକ୍ଟର କାର୍ଯ୍ୟରେ ଲାଗିବ। ପୌରପାଳିକାର ଗୋଟିଏ ଜେସିବି ଓ ୪ଟି ଟ୍ରାକ୍ଟର ରହିଛି। ତେବେ ବାହାରୁ ଭଡ଼ାରେ ଗୋଟିଏ ଜେସିବି ଓ ୪ଟି ଟ୍ରାକ୍ଟର ଆଣାଯାଇ ସଫେଇ କାର୍ଯ୍ୟ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହ ସହରରେ ଥିବା ଅନ୍ୟାନ୍ୟ ସମସ୍ୟା ଲାଇଟ୍, ଡ୍ରେନ୍ ଓ ରାସ୍ତା ମରାମତି କାର୍ଯ୍ୟ ମଧ୍ୟ ପୂଜା ପୂର୍ବରୁ ସରିବ ବୋଲି ସେ କହିଛନ୍ତି।

# ଲକ୍ଷ୍ମୀ ନାରାୟଣ ପାଠାଗାର ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୨୩।୯

ଅନୁଗୋଳର ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ନାରାୟଣ ପାଠାଗାର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପାଧ୍ୟକ୍ଷା ମମତା ପ୍ରଧାନ, ଶିକ୍ଷାବିତ୍ ବୃନ୍ଦାବନ ସ୍ୱାଇଁ, ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦଳବେହେରା, ପୂର୍ଣ୍ଣଚନ୍ଦ୍ର ରାଉତ, ତାପସ ନାୟକ, ଜିଲା ପରିଷଦ ସଭ୍ୟା ରୁବି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ଲକ୍ଷ୍ମୀନାରାୟଣ ପୂଜା କମିଟି ସଭାପତି ବୀରେନ୍ଦ୍ର ନାୟକ ଓ ସମ୍ପାଦକ ଅନିଲ କୁମାର ଲେଙ୍କାଙ୍କ ସହ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପାଠାଗାରକୁ ଏମ୍‌ପି ଉଦ୍‌ଘାଟନ କରୁଛନ୍ତି।

### ଦବିଲା ୧୦ ଲକ୍ଷର ତିତ୍‌ଲି ପ୍ରକଳ୍ପ

# ମଧୁପୁର ବନ୍ଧ ଭାଙ୍ଗିବା ଆଶଙ୍କା



ବନ୍ତଲା, ୨୩।୯(ଡି.ଏନ.ଏ.)

ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ ମଧୁପୁର ପୂର୍ଭ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ୨୦୧୮ ସାମୁଦ୍ରିକ ଝଡ଼ ତିତ୍‌ଲିରେ ନଷ୍ଟ ହେବା ସହିତ ପୋଖରୀ ହୁଡା ମଧ୍ୟ ଭାଙ୍ଗି ଯାଇଥିଲା। ସେହି ସମୟରେ ପଞ୍ଚାୟତ ପାଣ୍ଠିରୁ ୩୦ ଟ୍ରିପ୍ ମୋରମ ଅସ୍ଥାୟୀ ଭାବେ ପକା ଯାଇଥିଲା। ପରବର୍ତ୍ତୀ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ୧୦ ଲକ୍ଷ ଟଙ୍କା ଅନୁଦାନ ଆସିବା ପରେ ରାସ୍ତାର ଉନ୍ନତୀକରଣ ଓ ପୋଖରୀକୁ ସୁରକ୍ଷା ପାଇଁ ପକ୍କା କାନ୍ଥ ବ୍ୟବସ୍ଥା ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଆସିଥିବା ଏହି କାର୍ଯ୍ୟ ୨୦୧୯ ଜୁନରେ ଶେଷ ହୋଇଥିଲା। ପ୍ରାୟ ୬୦ ମିଟର ପକ୍କା ସୁରକ୍ଷା କାନ୍ଥ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ଓ ପୋଖରୀରେ ପାଣି ପୂର୍ଣ୍ଣ ହୋଇଯିବା ଯୋଗୁ ପକା କାନ୍ଥ ଦବିବା ସହିତ ବିଭିନ୍ନ ଜାଗାରେ ଫାଟ ସୃଷ୍ଟି ହୋଇଛି। ଏଥିସହିତ ମାଟି ଅତଡା ଖସୁଛି। ଏପରି କ୍ଷେତ୍ରରେ କୌଣସି ମୁହୂର୍ତ୍ତରେ ପୋଖରୀ ହୁଡା ଭାଙ୍ଗିବାର ଆଶଙ୍କା ରହିଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ଯେଉଁ ଜାଗାରେ ପକା କାନ୍ଥ ଦିଆଯାଇଛି ସେଠାରେ ୫୦ ବର୍ଷ ପୂର୍ବରୁ ବଉଳି ନାଳ ଭାଙ୍ଗି ବିରାଟ ଘାଇ ସୃଷ୍ଟି ହୋଇଥିଲା। ତୁରନ୍ତ ଏହାକୁ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଗଣେଶ ପୂଜା ସାଜସଜ୍ଜା, ଭସାଣି ଫଳାଫଳ ଘୋଷଣା

ତାଳଚେର, ୨୩।୯(ନି.ପ୍ର.)

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜାରେ ହୋଇଥିବା ସାଜସଜ୍ଜା ଓ ଭସାଣି ପ୍ରତିଯୋଗିତାର ଫଳାଫଳ ସୋମବାର ସନ୍ଧ୍ୟାରେ ଘୋଷଣା ହୋଇଛି। ସ୍ଥାନୀୟ ପଞ୍ଚାୟତ ସମିତି ସଭାଘର ଠାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ତଥା କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ପରେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ମୂର୍ତ୍ତି ସାଜସଜ୍ଜାରେ ବିଭାଗ ‘କ’ ହନୁମାନପଡା ଗଣେଶ ପୂଜା କମିଟି ପ୍ରଥମ, ନୂଆ ବସ୍‌ଷ୍ଟାଣ୍ଡ ଦ୍ୱିତୀୟ, ରାମଚନ୍ଦ୍ର ବଜାର ଏବଂ ବଉଳଛକ ରାସପାର୍ଟି ଯୁଗ୍ମ ତୃତୀୟ ଏବଂ ବିଭାଗ ‘ଖ’ ରେ ବିନାୟକ ପୂଜା କମିଟି ହାଣ୍ଡିଧୂଆଁ ପ୍ରଥମ, ତ୍ରିନାଥ ପୂଜା କମିଟି ସିଂହସାହି ଦ୍ୱିତୀୟ, ଗଣେଶ ପୂଜା କମିଟି ହାଣ୍ଡିଧୂଆଁ ଏବଂ ପାଟଣାସାହି ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛି। ଭସାଣି ପ୍ରତିଯୋଗିତାରେ ବିଭାଗ ‘କ’ ରେ କଳିଙ୍ଗ ମାର୍କେଟ୍ ପ୍ରଥମ, ବଉଳଛକ ରାସପାର୍ଟି ଦ୍ୱିତୀୟ ଏବଂ ଜୟହିନ୍ଦ୍ କ୍ଲବ କୁମ୍ଭାରସାହି ତୃତୀୟ ଏବଂ ବିଭାଗ ‘ଖ’ ରେ ସିଦ୍ଧି ବିନାୟକ ମାରୁଆଡିପଟି ପ୍ରଥମ, ପାଟଣାସାହି ଦ୍ୱିତୀୟ, ତ୍ରିନାଥ ପୂଜା କମିଟି ସିଂହସାହି ଏବଂ ଭୈରବସାହି ଯୁବକ ସଂଘ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ସମସ୍ତ ପୂଜା କମିଟି ଶାନ୍ତିଶୃଙ୍ଖଳାର ସହିତ ପୂଜା ଓ ଭସାଣି ଶୋଭାଯାତ୍ରା ପାଳନ କରିଥିବାରୁ ଉପଜିଲାପାଳ ସମସ୍ତଙ୍କୁ ସାଧୁବାଦ୍ ଜଣାଇଥିଲେ। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା ଫଳାଫଳ ଘୋଷଣା କରିଥିଲେ। କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆ ଧନ୍ୟବାଦ ଅର୍ପଣ କରିବା ସହିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସହିତ ଆଲୋଚନା କରି ଅଳ୍ପ ଦିନ ପରେ ପୁରସ୍କାର ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଅଧିକାରୀ ଅତସୀ ପରିଡା, ଭାରପ୍ରାପ୍ତ ତହସିଲଦାର ସଚିଦାନନ୍ଦ ନାୟକ, କୋଷାଧ୍ୟକ୍ଷ ଅଶୋକ ଶତପଥୀ, ଯୁଗ୍ମ ସଂପାଦକ ରଞ୍ଜିତ୍ କୁମାର ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ମାମଲା
## ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ଢେଙ୍କାନାଳ ଅଫିସ,୨୩।୯- ଢେଙ୍କାନାଳ ଜିଲା ସଦର ଥାନା ନଡଣପୁର ଗ୍ରାମରେ ୨୦୧୮ରେ ଝରିଆ ନାଏକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାର ବିଚାର କରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତିରଞ୍ଜନ ଶତପଥୀ ଅଭିଯୁକ୍ତ ହରିହର ନାଏକଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ଜଣାଯାଏ, ଗତ ୧୬।୭।୨୦୧୮ ତାରିଖ ରାତି ୮ଟାରେ ନଡଣପୁର ଗ୍ରାମର ଝରିଆ ନାଏକ ଗ୍ରାମ କୋଠଘରେ ଶୋଇଥିବା ବେଳେ ସେହି ଗ୍ରାମର ହରିହର ନାଏକ ପୂର୍ବ ରାଗକୁ ନେଇ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ଏକ କାତିରେ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ଝରିଆଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏ ସଂକ୍ରାନ୍ତରେ ସଦର ଥାନାରେ ସେହି ସମୟରେ ନଂ. ୩୦୨/୧୮ରେ ଏକ ମାମଲା ରୁଜୁ କରାଯିବା ସହ ହରିହରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା । ଏହି ମାମଲାର ସିଟି ସେସନ୍ସ କେସ୍ ନଂ-୧୪୮/୧୮ର ବିଚାର କରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ ହରିହର ନାଏକଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ସ୍ଥଳେ ୬ ମାସ ଅତିରିକ୍ତ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ପରିଚାଳନା କରିଥିଲେ ।

## ଯୁବତୀଙ୍କୁ ଅପହରଣ ଅଭିଯୋଗ

ଛେଣ୍ଡିପଦା,୨୩।୯(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁସେହି ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ଥାନା ଅଞ୍ଚଳର ତିନି ଜଣ ଯୁବତୀ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ଜଣକ ସମ୍ପୃକ୍ତା ଯୁବତୀଙ୍କୁ ବାଇକ୍‌ରେ ନେଇ ପଳାଇଥିଲେ। ଅନ୍ୟ ଦୁଇ ଯୁବତୀଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ସମ୍ପୃକ୍ତା ଯୁବତୀଙ୍କ ବାପା ଘଟଣା ସମ୍ପର୍କରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସଆଇ ଅବଦୁଲ ୱାସିମ ଖାନ ଏ ନେଇ ନଂ. ୨୮୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଆର୍ଥିକ ସାକ୍ଷରତା କର୍ମଶାଳା

ଢେଙ୍କାନାଳ ଅଫିସ,୨୩।୯- ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଦାଲୋ ପଞ୍ଚାୟତର ବଦାଲୋ ଗ୍ରାମରେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ପକ୍ଷରୁ ଏକ ଆର୍ଥିକ ସାକ୍ଷରତା କର୍ମଶାଳା ଗୃହିଣୀମାନଙ୍କ ପାଇଁ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ପ୍ରେମାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ବ୍ୟାଙ୍କ, ଡାକଘର ଓ ମ୍ୟୁଚୁଆଲ୍ ଫଣ୍ଡର ସଞ୍ଚୟ ବ୍ୟବସ୍ଥା, ପାନ୍ କାର୍ଡର ଆବଶ୍ୟକତା, ଚିଟ୍‌ଫଣ୍ଡ ଠକେଇ ଠାରୁ ଦୂରେଇ ରହିବା ଓ ଏଟିଏମ୍ ପିନ୍‌ର ଉପଯୋଗିତା, ସୁଧ ହାର, ସଞ୍ଚୟ, ନିବେଶ ଓ ମୁଦ୍ରାସ୍ଫୀତି ଉପରେ ଆଲୋକପାତ କରିଥିଲେ। ବଦାଲୋ ଗ୍ରାମ ସଭାପତି ମୁରଲୀଧର ରାଉତ ଧନ୍ୟବାଦ ଦେଇଥିଲେ।

## ଗାଡ଼ି ମୋଟର ଯାଞ୍ଚ, ୩ କୋର୍ଟଚାଲାଣ

ପରଜଙ୍ଗ,୨୩।୯(ଡି.ଏନ.ଏ)-ପରଜଙ୍ଗ ଥାନା ଡିହଡୋଳ ଛକଠାରୁ ମହାବିରୋଡ଼ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର କୁଟୁରିଆ ଛକ ନିକଟରେ ରବିବାର ସନ୍ଧ୍ୟାରେ ପରଜଙ୍ଗ ପୋଲିସ ଗାଡି ମୋଟର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ୩ ମଦ୍ୟପ ଚାଳକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମହାବିରୋଡ଼ ଫାଣ୍ଡି ଅଧିନ ଚାନ୍ଦପୁର ଗ୍ରାମର ଦୁଷ୍ମନ୍ତ ସାହୁ, ଆମ୍ବପଳାସ ଗ୍ରାମର ସୁରେଶ ମୁଦୁଲି, ତୁରୁଡ଼ାନାଳୀ ଗ୍ରାମର ଉତ୍ସବ ରଣା। ସେମାନଙ୍କଠାରୁ ମୋଟ ୩୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସୋମବାର ଗିରଫଙ୍କୁ କୋର୍ଟଚାଲାଣ କରାଯାଇଛି। ପରଜଙ୍ଗ ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନେତୃତ୍ୱରେ ଏସ୍‌ଆଇ ସରୋଜ କୁମାର ସେଠୀ, ମହାବିରୋଡ଼ ଫାଣ୍ଡି ଅଧିକାରୀ ବିନୟ ସାହୁ ପ୍ରମୁଖ ସାମିଲ ଥିଲେ।

### ଆରଟିଓଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ
# ଏମ୍‌ଭିଆଇଙ୍କୁ ବଦଳି ଦାବିରେ ବିକ୍ଷୋଭ

ଢେଙ୍କାନାଳ ଅଫିସ,୨୩।୯

ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବେଆଇନ କାର୍ଯ୍ୟକଳାପ ଓ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ୫ଟି ଟ୍ରକ ମାଲିକ ସଂଘର କର୍ମକର୍ତ୍ତା। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏମ୍‌ଭିଆଇଙ୍କ ବଦଳି ଦାବିରେ ସଂଘଗୁଡିକର କର୍ମକର୍ତ୍ତାମାନେ ସୋମବାର ଜିଲା କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୦ଦଫା ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।


ଏମ୍‌ଭିଆଇଙ୍କୁ ବଦଳି ଦାବିରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିକ୍ଷୋଭ।

ସେମାନଙ୍କ ଅଭିଯୋଗ ମୁତାବକ, ମୋଟରଯାନ ସଂଶୋଧିତ ଆଇନ ଲାଗୁହେବା ପରେ ଗାଡି ଫିଟନେସ୍ ଓ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦୂରଦୂରାନ୍ତରୁ ଗାଡି ମାଲିକଙ୍କ ସମେତ ବହୁ ଲୋକ କାର୍ଯ୍ୟାଳୟକୁ ଆସି ଅପେକ୍ଷା କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆଞ୍ଚଳିକ ପରିବହନ ଅଧିକାରୀ ଠିକ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଆସିଷ୍ଟାଣ୍ଟ ପ୍ରୋଗ୍ରାମର ପଦବୀରେ ଜଣେ ଥାଇ ମଧ୍ୟ ଅନ୍ୟ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଏହି ପଦବୀରେ କାର୍ଯ୍ୟ କରାଉଥିବା ଅଭିଯୋଗ ହୋଇଛି। ଯାନବାହନଗୁଡିକର ବେଗ ମାପିବା ପାଇଁ ରହିଥିବା ଇଣ୍ଟରସେପ୍ଟର ଗାଡି ଚାଳକଙ୍କ ବଦଳରେ ଜଣେ କମ୍ପ୍ୟୁଟର ଅପରେଟର ଏହି ଗାଡିକୁ ଚଳାଉଛନ୍ତି। ଆବଶ୍ୟକ କାଗଜପତ୍ର ଥିଲେ ମଧ ଉଦ୍ଦେଶ୍ୟମୂଳକ ଭାବରେ ଫିଟନେସ୍ କରାଯାଉନାହିଁ । ପୂର୍ବତନ ଆଞ୍ଚଳିକ ପରିବହନ ଅଧିକାରୀ ସପ୍ତାହକୁ ୪ ଦିନ ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟିଂ କରାଉଥିବାବେଳେ ବର୍ତ୍ତମାନ ଏହାକୁ ଦୁଇଦିନ କରିଦିଆଯାଇଛି। ସାଧାରଣ ନିର୍ବାଚନ ଓ କାଳିଆ ଯୋଜନାରେ ଲାଗିଥିବା ଗାଡିଗୁଡିକର ଧାର୍ଯ୍ୟ ପ୍ରାପ୍ୟ ଆଜି ପର୍ଯ୍ୟନ୍ତ ମିଳିନାହିଁ ବୋଲି ମାଲିକମାନଙ୍କ ପକ୍ଷରୁ ଜଏଣ୍ଟ କୋଅର୍ଡିନେସନ କମିଟି ସଭାପତି ରୁଦ୍ରାନ୍ତ କୁମାର ଦଳେଇ, ସମ୍ପାଦକ ବାପୁଜୀ ମଲିକ, ଆଇନ ପରାମର୍ଶଦାତା ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ସମେତ ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ କୁହନ୍ତି, ଜିଲାପାଳ ଜନ ଅଭିଯୋଗ ଶୁଣାଣିରୁ ଫେରିବା ପରେ ତାଙ୍କୁ ସଂଘ ଗୁଡିକ ପକ୍ଷରୁ ପ୍ରଦତ୍ତ ଦାବିପତ୍ର ପ୍ରଦାନ କରାଯିବ। ଅଭିଯୋଗ ସମ୍ପର୍କରେ ଆରଟିଓଙ୍କ ଦାୟିତ୍ୱରେ ଥିବା ଏମ୍‌ଭିଆଇ ଶ୍ରୀବତ୍ସ ଦଳେଇ କାର୍ଯ୍ୟାଳୟରେ କୌଣସି ଦୁର୍ନୀତି ହେଉଥିବା ଅଭିଯୋଗକୁ ଅସ୍ୱୀକାର କରିବା ସହିତ ଅନ୍ୟାୟ ରୋକାଯାଉଥିବାରୁ କିଛି ବ୍ୟକ୍ତି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ଢେଙ୍କାନାଳରେ ଖୁବଶୀଘ୍ର ଜଣେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଲିଖିତ ଭାବରେ ଜଣାଇବେ ବୋଲି ଗତ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏକ ସାକ୍ଷାତ ଆଲୋଚନା ସମୟରେ ସୂଚନା ଦେଇଥିଲେ ।

### ଆନ୍ତର୍ଜାତିକ ବଧିର ସପ୍ତାହ ପାଳିତ
## ସମାଜ ଗଠନରେ ଦିବ୍ୟାଙ୍ଗଙ୍କ ଭୂମିକା ଅତୁଳନୀୟ

ଢେଙ୍କାନାଳ ଅଫିସ,୨୩।୯

ଢେଙ୍କାନାଳରେ ୬୨ତମ ଆନ୍ତର୍ଜାତିକ ବଧିର ସପ୍ତାହ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୁଡିଆନାଳୀସ୍ଥିତ କଲ୍ୟାଣ ମଣ୍ଡପଠାରେ ଜିଲା ବଧିର ସଂଘ ପକ୍ଷରୁ ସଭାପତି ମନୋରଞ୍ଜନ ସାମଲଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ବରିଷ୍ଠ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ସଂଘର ରାଜ୍ୟ ଉପସଭାପତି ମୁକ୍ତିରଞ୍ଜନ ମହାପାତ୍ର ଓ ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଲେ, ସମାଜ ଗଠନରେ ଦିବ୍ୟାଙ୍ଗଙ୍କ ଭୂମିକା ଅତୁଳନୀୟ। ବଧିରମାନଙ୍କୁ ହେୟଜ୍ଞାନ କରିବା ଉଚିତ ନୁହେଁ । ସେମାନେ ସେମାନଙ୍କ ଅଧିକାର ପାଇବା ଯୋଗ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ । ଅନୁବାଦିକା ସୋନାଲି ସାମଲ ଅତିଥି ମାନଙ୍କର ବକ୍ତବ୍ୟକୁ ସାଙ୍କେତିକ ଭାଷାରେ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ସକାଳେ ବଧିର ସଂଘର ସଦସ୍ୟ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କର ଏକ ଶୋଭାଯାତ୍ରା ସ୍ଥାନୀୟ ବାଜିଚୌକଠାରୁ ବାହାରି କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିବା ବେଳେ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ ଏହାର ନେତୃତ୍ୱ ନେଇଥିଲେ।



ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ ।

## ସ୍କୁଲ୍‌ରେ ଫଳ ଚାରାରୋପଣ


କାଦୁଆ ତପୋବନ ସ୍କୁଲ୍‌ରେ ଫଳ ଚାରାରୋପଣ କରାଯାଉଛି।

ଢେଙ୍କାନାଳ ଅଫିସ,୨୩।୯

ଢେଙ୍କାନାଳ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତ ଅନ୍ତର୍ଗତ କାଦୁଆ-ତପୋବନ ପ୍ରାଥମିକ ସ୍କୁଲ ପରିସରରେ ଜିଲା ଉଦ୍ୟାନ କୃଷି ଓ ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ରବିବାର ଚାରାରୋପଣ କରାଯାଇଛି । ଏଥିରେ ଓଉ, ଲେମ୍ବୁ, କାନ୍ଥିଆ ଓ କରମଙ୍ଗା ଚାରା ରୋପଣ କରାଯାଇଥିଲା। କୌପୀନଧାରୀ ମହିମା ସମାଜର ସଭାପତି ଶ୍ରୀମଦ୍ ରଘୁନାଥ ବାବା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣର ଶୁଭାରମ୍ଭ କରିଥିଲେ। ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ଭଗବାନ ଦାସ, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା, ସଦର ବ୍ଲକ୍ ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଉଦ୍ୟାନ କୃଷି ଯନ୍ତ୍ରୀ ଅଖିଳ କୁମାର ପଣ୍ଡା, କପିଳାସ ରେଞ୍ଜର ଦର୍ଶନିଆ ଭୋଇ, ତପୋବନ ପତ୍ରିକା ସମ୍ପାଦକ ମହିମା ଭକ୍ତ ପ୍ରଶାନ୍ତ ମହାପାତ୍ର, ସଚେତନ ନାଗରିକ ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଏଥିରେ ଭାଗ ନେଇଥିଲେ। କପିଳାସ ଅଭୟାରଣ୍ୟକୁ ଲାଗିଥିବା ଏହି ବିଦ୍ୟାଳୟରେ ଏଯାବତ୍ ପାଚେରି ନିର୍ମାଣ କରାଯାଇ ନାହିଁ। ଅଗ୍ରାଧିକାର ଭିତ୍ତିରେ ଏହି ଆଦିବାସୀ ଅଧୁଷିତ ବିଦ୍ୟାଳୟର ତୁରନ୍ତ ପାଚେରି ନିର୍ମାଣ ପାଇଁ ଦାବି ହୋଇଛି।

## ରାସୋଳରେ ଭିନ୍ନକ୍ଷମ ଚିହ୍ନଟ ଶିବିର

ରାସୋଳ,୨୩।୯(ଡି.ଏନ.ଏ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଏଆରଟିଏସ୍ ମିଳିତ ଆନୁକୂଲ୍ୟରେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ କ୍ଷମତା ଏକ୍ସପ୍ରେସ୍ କାର୍ଯ୍ୟକ୍ରମ ହିନ୍ଦୋଳ ବ୍ଲକ ରାସୋଳ ହାଇସ୍କୁଲ ଠାରେ ସୋମବାର ଆୟୋଜିତ ହୋଇଯାଇଛି। ହିନ୍ଦୋଳ ପଞ୍ଚାୟତ ସମିତି ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତଙ୍କ ତତ୍ତ୍ୱାବଧାନରେ ବିଡିଓ ହେମନ୍ତ କୁମାର ମହନ୍ତଙ୍କ ସହଯୋଗରେ ଶିବିର କରାଯାଇଥିଲା। ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ରାସୋଳ, ମାଧପୁର, ନୁଆବଗ, ଦଣ୍ଡିରି, କୁନୁଆ, ବୁହାଳିପାଳ, ନବକିଶୋରପୁର, ଜରଡା, ଗଣ୍ଡାନାଳି, ଖଲିବୋରେଇ ପଞ୍ଚାୟତଗୁଡିକର ୨୩୩ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ରାସୋଳ ହାଇସ୍କୁଲ ସ୍କାଉଟ୍ସ ଗାଇଡ୍ସ ପିଲାମାନେ ଭିନ୍ନକ୍ଷମ ମାନଙ୍କୁ ସହାୟତା କରିଥିଲେ। ରାସୋଳ ସରପଞ୍ଚ ସୁଷମାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚିହ୍ନଟ ଭିନ୍ନକ୍ଷମମାନଙ୍କୁ ପ୍ରମାଣପତ୍ର ଓ ଭତ୍ତାର ବ୍ୟବସ୍ଥା କରାଯିବ ବୋଲି ସମିତି ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ କହିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରାସୋଳ ପୋଲିସ ସହଯୋଗ କରିଥିଲା।

### ଜନଅଭିଯୋଗ ଶୁଣାଣି ଶିବିର
# ୧୭୨ ଅଭିଯୋଗରୁ ୮୨ ସମାଧାନ



ଭୁବନ,୨୩।୯(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲ୍ୟାଣ ମଣ୍ଡପ ଠାରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଶିବିରରେ ମୋଟ୍ ୧୭୨ଟି ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ଓ ଚିକିତ୍ସା ଆଦି ସଂକ୍ରାନ୍ତୀୟ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗ ମଧ୍ୟରୁ ୮୨ ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକୁ ଯଥାଶିଘ୍ର ସମାଧାନ କରିବା ପାଇଁ ଜିଲାପାଳ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୧୨ ଜଣ ଅସହାୟ ବ୍ୟକ୍ତିଙ୍କୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବିଶେଷ କରି ଭୁବନର ବୁଦ୍ଧେଶ୍ୱର ଶୈବପୀଠର ଉନ୍ନୟନ କରିବା ପାଇଁ ଅଭିଯୋଗ ହୋଇଥିଲା। ସେହିପରି ଭୁବନ ଡାକ୍ତରଖାନାରେ ରୋଗୀ କଲ୍ୟାଣ ସମିତି ବୈଠକ ଦୀର୍ଘ ୩ବର୍ଷ ଧରି କରାଯାଇ ନାହିଁ। ତେବେ କିପରି ବେନିୟମ ଭାବେ ରୋଗୀ କଲ୍ୟାଣ ସମିତି ଜରିଆରେ ନିଯୁକ୍ତି ଦିଆଯାଇଛି ତାହାର ତଦନ୍ତ କରିବାକୁ ବରିଷ୍ଠ ନାଗରିକମାନେ ଅଭିଯୋଗ କରିଥିଲେ। ଏଥିସହିତ ଏହି ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ନାଗରିକମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅନୁପମା ଜେମସ, ଜିଲା ପ୍ରକଳ୍ପ ଅଧିକାରୀ ନରୋତ୍ତମ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନିରଞ୍ଜନ ମିଶ୍ର, ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରଶନ୍ନ ଆଚାର୍ଯ୍ୟ, ଓଏଫଏସ ପ୍ରବେଶରେ ଥିବା ଫାଲଗୁନି ବେହେରା, କାମାକ୍ଷାନଗର ଉପଜିଲାପାଳ ଡ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲିକ, ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ତହସିଲଦାର ଶକ୍ତିକାନ୍ତ ରାୟ, ବିଡିଓ ଆଶ୍ରିଦ ପରିଡା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨ ବାଇକ୍‌କୁ ଧକ୍କା ଦେଲା ଟ୍ରକ୍
# ଗର୍ଭବତୀଙ୍କ ସମେତ ୨ ମୂର୍ତ୍ତି କାରିଗର ମୃତ

ଢେଙ୍କାନାଳ ଅଫିସ,୨୩।୯

ଢେଙ୍କାନାଳ ସହରସ୍ଥିତ ୫୫ନଂ ଜାତୀୟ ରାଜପଥର ଶକ୍ତିସୁଗାର ଓ ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଆଇରନ ଓର ବୋଝେଇ ଟ୍ରକ୍ ଦୁଇଟି ବାଇକକୁ ଧକ୍କା ଦେଇଛି। ଏଥିରେ ଜଣେ ଗର୍ଭବତୀ ମହିଳାଙ୍କ ସମେତ ଦୁଇଜଣ ମୂର୍ତ୍ତି କାରିଗରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସଦର ଥାନା ସିମିନଈ ଗ୍ରାମର ପ୍ରଦୀପ ସାହୁଙ୍କ ସ୍ତ୍ରୀ ସୁନିତା ବେହେରା(୨୫), କାମାକ୍ଷାନଗର ଉପଖଣ୍ଡ ସୁରପ୍ରତାପପୁର ଗ୍ରାମର ମୂର୍ତ୍ତି କାରିଗର ରତିକାନ୍ତ ସ୍ୱାଇଁ(୨୦) ଓ ଯମୁନାକୋଟ ଗ୍ରାମର ଅନିଲ ଓରଫ୍ ବିକାଶ ବାରିକ(୨୭)। ଏଥିସହ ପ୍ରଦୀପ ସାହୁ ଆହତ ହୋଇଛନ୍ତି। ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ପ୍ରତିବାଦରେ ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ପ୍ରାୟ ଘଣ୍ଟାଏ ଧରି ରାସ୍ତାରୋକୋ ଆନ୍ଦୋଳନ ଚାଲିଥିଲା।


ଘଟଣାସ୍ଥଳରେ ଉତ୍ତେଜନା ଓ ରାସ୍ତାରୋକୋ।

ଘଟଣାରୁ ଜଣାପଡିଛି ଯେ, ଆଇରନ ଓର୍ ବୋଝେଇ ୧୨ ଚକିଆ ଟ୍ରକ୍ (ଓଡି ୦୫-ଏଡି-୩୭୫୩) କଟକ ଆଡୁ ଅନୁଗୋଳ ଅଭିମୁଖେ ଦ୍ରୁତି ଗତିରେ ଯାଉଥିବାବେଳେ ୫୫ ନଂ ଜାତୀୟ ରାଜପଥର ଶକ୍ତିସୁଗାର ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରୁଥିବା ସୁନିତା ବେହେରା ଓ ପ୍ରଦୀପ ସାହୁଙ୍କୁ ଧକ୍କା ଦେଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ସୁନିତାଙ୍କର ମୃତ୍ୟୁ ଘଟିଥିଲା। ସୁନିତା ୬ମାସର ଗର୍ଭବତୀ ଥିଲେ ବୋଲି ଚିକିତ୍ସାଳୟ ସୂତ୍ରରୁ ପ୍ରକାଶ । ପରେ ଟ୍ରକ୍‌ଟି ଦ୍ରୁତ ଗତିରେ ଯାଇ ରାଜପଥର ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ସମ୍ମୁଖରେ ବାଇକରେ ଯାଉଥିବା ମୂର୍ତ୍ତି କାରିଗର ରତିକାନ୍ତ ଓ ଅନିଲଙ୍କୁ ଧକ୍କା ଦେଇଥିଲା। ଟ୍ରକ୍ ଚକାତଳେ ପଡିଯିବାରୁ ରତିକାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନିଲଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ଅନିଲଙ୍କର ମୃତ୍ୟୁ ଘଟିଥିବା ଟାଉନ ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ ସୂଚନା ଦେଇଛନ୍ତି। ରତିକାନ୍ତ ଓ ଅନିଲ ରାସୋଳ ଥାନା ବାବନ୍ଧ ଅଞ୍ଚଳକୁ ମୂର୍ତ୍ତି ନିର୍ମାଣ ପାଇଁ ଯାଉଥିଲେ ବୋଲି ଜଣାପଡିଛି । ଏହି ଘଟଣାର ପ୍ରତିବାଦରେ ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ଅଞ୍ଚଳବାସୀ ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ଚାଳକ ଟ୍ରକକୁ ଛାଡି ରାଜପଥ ନିକଟରେ ଥିବା ଶାଳ ଜଙ୍ଗଲ ଭିତରକୁ ଦୌଡି ପଳାଇଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡିଛି। ଖବରପାଇ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମଣ୍ଡ, ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସାଳୟକୁ ପହଞ୍ଚାଇବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ ନଂ. ୨୯୪/୧୯, ଦଫା ୨୭୯, ୩୩୭, ୩୩୮, ୩୦୪(ଏ)ରେ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ପୋଲିସ ଜବତ କରିଛି।

## ୪ ଦଫା ଦାବିରେ ବ୍ଲକ ସମ୍ମୁଖରେ ବିକ୍ଷୋଭ

ପରଜଙ୍ଗ,୨୩।୯(ଡି.ଏନ.ଏ)

ବ୍ରାହ୍ମଣୀ ନଦୀରେ ଡଙ୍ଗା ବୁଡି ଘଟଣାରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି, ସୁରକ୍ଷିତ ଯାତ୍ରା ପାଇଁ ଯନ୍ତ୍ର ଚାଳିତ ଡଙ୍ଗାର ବ୍ୟବସ୍ଥା, କମର-ଖଡ଼ଗପ୍ରସାଦ ମଧ୍ୟରେ ବ୍ରାହ୍ମଣୀ ନଦୀରେ ବ୍ରିଜ ନିର୍ମାଣ, ହାତୀ ଉପଦ୍ରବ ବନ୍ଦ କରିବା ଆଦି ଦାବିରେ ସୋମବାର ଆଞ୍ଚଳିକ ସୁରକ୍ଷା କମିଟି ରୋଡ଼ ପଞ୍ଚାୟତର ଶତାଧିକ ଲୋକ ପରଜଙ୍ଗ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରୋଡ଼ ସରପଞ୍ଚ ଶାନ୍ତିଲତା ସାହୁଙ୍କ ନେତୃତ୍ୱରେ ହାଟପଡ଼ିଆଠାରୁ ଶତାଧିକ ଲୋକ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ନିର୍ମଳ ବାରିକ, ଅକ୍ଷୟ ସାହୁ, ବିନୟ ସାହୁ, କରୁଣାକର ସାହୁ, ଧ୍ରୁବାନନ୍ଦ ଆଚାର୍ଯ୍ୟ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଶେଷରେ ୪ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା।

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତା

# ରାଇଜିଂ ଷ୍ଟୁଡେଣ୍ଟ କଟକ ବିଜୟୀ



**ଢେଙ୍କାନାଳ ଅଫିସ,୨୩।୯**

ଢେଙ୍କାନାଳ କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଏ-ଗୁରୁୟା ଭଞ୍ଜନଗର ଦଳକୁ ୧-୦ ଗୋଲରେ ପରାସ୍ତ କରିଛି। ଖେଳର ୪୧ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟ ଦଳର ଶେଖ ଆଫ୍ରିଦି ଏକମାତ୍ର ଗୋଲ ପ୍ରଦାନ କରିଥିଲେ। ଖେଳକୁ ରେଫରୀ ସୁବ୍ରତ ପୁରୋହିତ, ଅରୁଣ ନାୟକ, ଅନିଲ କୁମାର ନନ୍ଦ ଓ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିଲେ । ମାୟାଧର ସାହୁ ଓ ସନ୍ତୋଷ କାନୁନଗୋ ମ୍ୟାଚ ରେଫରୀ ରହିଥିଲେ। ଅତିଥି ଭାବେ ଓଏସ୍ଏପି ପ୍ରଥମ ବାଟାଲିୟନର କମାଣ୍ଡାଣ୍ଟ ଲୋଚନ ପଶାୟତ୍ତ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ଗୌରାଙ୍ଗ ସେଠୀ, ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ସାରଙ୍ଗଧର ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ବିଭୂତି ଭୂଷଣ ପଟ୍ଟନାୟକ, ସଚ୍ଚିଦାନନ୍ଦ ସାହୁ, ସରୋଜ ପାଢୀ, ରାମ ନାରାୟଣ ସାହୁ, ପ୍ରତାପ ମହାନ୍ତି, ରଞ୍ଜନ ସାହୁ, ନିରାକାର ଦେହୁରୀ, ପ୍ରଶାନ୍ତ ନାୟକ ଓ ପ୍ରେମାନନ୍ଦ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଖ ଆଫ୍ରିଦିଙ୍କୁ ରେଫରୀ ଆସୋସିଏଶନ ସଭ୍ୟ ତନ୍ମୟ ପଟ୍ଟନାୟକ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାକୁ ଶତ୍ରୁଘ୍ନ ମାଟି, ପର୍ଶୁରାମ ମିଶ୍ର ଓ ସରୋଜ କୁମାର ପାଢୀ ପରିଚାଳନା କରିଥିଲେ । ମଙ୍ଗଳବାର ପତାକା ଆଠମଲ୍ଲିକ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

# ନାଟକ ଗଣ ସଚେତନତାର ମାଧ୍ୟମ




ପରିବେଷିତ ନାଟକର ଏକ ଦୃଶ୍ୟ।

**ଢେଙ୍କାନାଳ ଅଫିସ, ୨୩।୯**

ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନରେ ରବିବାର ଇଶୋ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅକ୍ସଫାମ୍ ଇଣ୍ଡିଆ ସହଯୋଗରେ 'ଦକ୍ଷତା ହିଁ ହିଂସାର ପରିସମାପ୍ତି' ସମ୍ପର୍କିତ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇଶୋର ଏକତା ବାହିନୀ ସାଂସ୍କୃତିକ ଦଳ ପକ୍ଷରୁ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନାଟକ ଗଣ ସଚେତନତାର ମାଧ୍ୟମ। ଏହାଦ୍ୱାରା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆସେ। ବିଭିନ୍ନ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚେ ବୋଲି ସେ ମତବ୍ୟକ୍ତ କରିଥିଲେ। ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ସ୍ୱାଗତ ଭାଷଣରେ କହିଲେ, ଦକ୍ଷତା ବଢ଼ିଲେ ହିଂସାର ପରିସମାପ୍ତି ଘଟିବ। ପ୍ରେମ ସବୁବେଳେ ହିଂସାମୁକ୍ତ। ମହିଳାମାନେ ନିଜର ଅଧିକାର ଜାଣିଲେ ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ସମାଜରେ ସୁଧାର ଆସିବ।

ଜିଲା ଶିଶୁ କମିଟିର ସଦସ୍ୟ ନିରଞ୍ଜନ ମିଶ୍ର, ଭାନୁମତୀ ପାଣି, ଅନ୍ତର୍ଯ୍ୟାମୀ ରଥ, ଯାଜ୍ଞସେନୀ ଦାସଚୌଧୁରୀ, କବି ମାନସୀ, ହରପ୍ରିୟା ପଣ୍ଡା, ଅନିମା ନାୟକ, ତାରା ସ୍ୱାଇଁ, ତପନ କୁମାର ପ୍ରଧାନ, ସର୍ବେଶ୍ୱର ମଲ୍ଲିକଙ୍କ ସମେତ ପାରାଲିଗାଲ ଭଲ୍ୟୁଣ୍ଟିୟରମାନେ ଉପସ୍ଥିତ ଥିଲେ। ପ୍ରେମଲତା ଦାସ ଧନ୍ୟବାଦ ଦେଇଥିଲେ।





